ଶ୍ରୀ ଡି. ପି. ପାଟିଲ୍

ବନାମ

ଭାରତ ସଂଘ ଏବଂ ଅନ୍ୟମାନେ

ଏପ୍ରିଲ 7, 1997

[କେ. ରାମାସ୍ୱାମୀ ଏବଂ ଡି. ପି. ୱାଧୱା, ନ୍ୟାୟମୂର୍ତ୍ତିଦ୍ୱୟ]

*ସେବା ଆଇନ - ଅବସରକାଳୀନ ଭତ୍ତା - ଅବସରକାଳୀନ ଭତ୍ତା ଯୋଜନାକୁ ବଦଳ କରିବାର ବିକଳ୍ପ ବ୍ୟବହାର କରୁନଥିବା କର୍ମଚାରୀ - ଅବସରକାଳୀନ ସୁବିଧା ପାଉଥିବା କର୍ମଚାରୀ - ବିଳମ୍ବ ପର୍ଯ୍ୟାୟରେ ଅବସରକାଳୀନ ଭତ୍ତା ଯୋଜନାକୁ ବଦଳ କରିବା ପାଇଁ ଦାବି - ନ୍ୟାୟାଧିକରଣ ଦ୍ୱାରା ଦାବି ଅନୁମୋଦିତ - ଭାରତ ସଂଘ ଦ୍ୱାରା ଅପିଲ ଉପରେ, ଅପିଲକାରୀଙ୍କୁ ଅବସରକାଳୀନ ଭତ୍ତାର ସୁବିଧା ମଞ୍ଜୁର କରିଥିବା ନ୍ୟାୟାଧିକରଣଙ୍କ ଆଦେଶକୁ ସର୍ବୋଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଖାରଜ - ନିର୍ଣ୍ଣୟ କରାଯାଇଥିଲା ନ୍ୟାୟାଧିକରଣ ଦ୍ୱାରା ମଞ୍ଜୁର ହୋଇଥିବା ଅବସରକାଳୀନ ଭତ୍ତା ଆଦେଶ ପ୍ରତ୍ୟାହାର କରିବାରେ କୌଣସି ବେଆଇନତା ନଥିଲା ।*

*କ୍ରୀଷ୍ଣା କୁମାର* **ବନାମ** *ଭାରତ ସଂଘ ଏବଂ ଅନ୍ୟମାନେ,* **AIR (1990) SC 1782 = JT (1990) 3 SC 173, କୁ ଉଲ୍ଲେଖ କରାଯାଇଛି ।**

*ସ୍ଥଗିତାଦେଶ - ଯେତେବେଳେ ଆବେଦନକାରୀ ବ୍ୟକ୍ତିଗତ ଭାବେ ହାଜର ହେବାକୁ ଚାହନ୍ତି, ପକ୍ଷମାନଙ୍କୁ ସ୍ଥଗିତାଦେଶ ତାରିଖ ବିଷୟରେ ଅଦାଲତ ସୂଚନା ଦେବେ ବୋଲି ଆଶା କରାଯାଏ ନାହିଁ - ଥରେ ସୂଚନା ପ୍ରଦାନ କରାଯିବା ପରେ, ପରବର୍ତ୍ତୀ ତାରିଖଗୁଡିକର ଟିପ୍ପଣୀ ରଖିବା ଏବଂ ନିଜକୁ ଉପଲବ୍ଧ କରେଇବା ଏବଂ ମାମଲା ଡକାଯିବା ସମୟରେ ହାଜର ହେବା, ଏହା ପକ୍ଷଙ୍କର କର୍ତ୍ତବ୍ୟ ଅଟେ ।*

ଦେୱାନୀ ଅପିଲୀୟ ଅଧିକାରିତା: ମଧ୍ୟବର୍ତ୍ତୀକାଳୀନ ଆବେଦନ ସଂଖ୍ୟା 3

ଦେୱାନୀ ଅପିଲ ସଂଖ୍ୟା 11380/1996ରେ ।

O.A. ସଂଖ୍ୟା 268/1991ରେ ବମ୍ବେସ୍ଥିତ କେନ୍ଦ୍ରୀୟ ପ୍ରଶାସନିକ ନ୍ୟାୟାଧିକରଣର 9.3.94 ତାରିଖର ରାୟ ଏବଂ ଆଦେଶରୁ ।

ଅପିଲକାରୀଙ୍କ ପକ୍ଷରୁ ଏଚ୍. ଏଲ୍. ଅଗ୍ରୱାଲ ଏବଂ ଅରବିନ୍ଦ କୁମାର ଶର୍ମା ।

ଉତ୍ତରଦାତାମାନଙ୍କ ପକ୍ଷରୁ ଏ. କେ. ଗୋୟଲ ଏବଂ ଶ୍ରୀମତୀ ଶୀଲା ଗୋୟଲ ।

ନ୍ୟାୟାଳୟର ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା:

ଅଗଷ୍ଟ 20, 1996 ତାରିଖର ଆଦେଶ ଦ୍ୱାରା, ଆମେ ଉତ୍ତରଦାତା-ଭାରତ ସଂଘଙ୍କ ଅପିଲକୁ ଅନୁମତି ପ୍ରଦାନ ଏବଂ ଆବେଦନକାରୀଙ୍କୁ ଅବସରକାଳୀନ ଭତ୍ତାର ସୁବିଧା ମଞ୍ଜୁର କରୁଥିବା ନ୍ୟାୟାଧିକରଣର ଆଦେଶକୁ ବାତିଲ କରିଥିଲୁ । ଏହି ଆଦେଶକୁ ପ୍ରତ୍ୟାହାର କରିବା ପାଇଁ ଆବେଦନକାରୀ ବର୍ତ୍ତମାନର ଆବେଦନଗୁଡିକ

ଦାଖଲ କରିଛନ୍ତି । ସେଥିରେ ଏହା ଦର୍ଶାଯାଇଛି ଯେ ସେ ସୁସ୍ଥ ନଥିବାରୁ, 13.8.1996 ତାରିଖରେ, ଯେତେବେଳେ ଅପିଲଟିର ପ୍ରଥମେ ସୂଚୀକରଣ ହୋଇଥିଲା ଉପସ୍ଥିତ ହୋଇପାରିନଥିଲେ ଏବଂ ସେହି ପ୍ରଭାବ ବିଷୟରେ ତାଙ୍କ ଦ୍ୱାରା ସୂଚନା ପ୍ରଦାନ କରାଯାଇଥିଲା । ଏହା ପରେ 20.8.1996 ତାରିଖରେ ଏହି ମାମଲାର ସୂଚୀକରଣ ହୋଇଥିଲା କିନ୍ତୁ ତାଙ୍କୁ ଏପରି ସ୍ଥଗିତାଦେଶ ବିଷୟରେ ସୂଚନା ଦିଆଯାଇ ନଥିଲା । ସେଥିପାଇଁ, ସେହି ତାରିଖରେ ସେ ଉପସ୍ଥିତ ରହିପାରିନଥିଲେ ଏବଂ ଏକ ତରଫା ଭାବେ ମାମଲାର ଫଏସଲା କରାଯାଇଥିଲା । ଯେତେବେଳେ ଆବେଦନକାରୀ ବ୍ୟକ୍ତିଗତ ଭାବେ ହାଜର ହେବାକୁ ଚାହାନ୍ତି, ପକ୍ଷମାନଙ୍କୁ ସ୍ଥଗିତାଦେଶ ତାରିଖ ବିଷୟରେ ଅଦାଲତ ସୂଚନା ଦେବେ ବୋଲି ଆଶା କରାଯାଏ ନାହିଁ । ଥରେ ସୂଚନା ପ୍ରଦାନ କରାଯିବା ପରେ, ପରବର୍ତ୍ତୀ ତାରିଖଗୁଡିକର ଟିପ୍ପଣୀ ରଖିବା ଏବଂ ନିଜକୁ ଉପଲବ୍ଧ କରାଇବା ଏବଂ ମାମଲା ଡକାଯିବା ସମୟରେ ହାଜର ହେବା, ଏହା ପକ୍ଷର କର୍ତ୍ତବ୍ୟ ଅଟେ । ତଥାପି, ଆମେ ଆବେଦନକାରୀଙ୍କ ଅଭିଯୋଗରେ ସନ୍ତୁଷ୍ଟ ହେବା ପାଇଁ ଆମକୁ ସ୍ଥିତି ବ୍ୟାଖ୍ୟା କରିବାକୁ ଉତ୍ତରଦାତାମାନଙ୍କୁ ଡାକିଲୁ ।

ଏହି ବିବାଦ ଏବେ *ନିଷ୍ପତ୍ତି ନହୋଇଥିବା ମାମଲା* ହୋଇ ରହିନାହିଁ । ଅବସରକାଳୀନ ଭତ୍ତାର ସୁବିଧାର ଅଧିକାର ବିଷୟରେ *କ୍ରୀଷ୍ଣା କୁମାର* ବନାମ *ଭାରତ ସଂଘ ଏବଂ ଅନ୍ୟମାନେ,* AIR (1990) SC 1782-JT (1990) 3 SC 173 ମାମଲାରେ ଏହି ଅଦାଲତ ଦ୍ୱାରା ବିଚାର କରାଯାଇଥିଲା । ସେହି ରାୟକୁ ଅନୁସରଣ କରି, ଏହି ଅଦାଲତ ନ୍ୟାୟାଧିକରଣର ଆଦେଶକୁ ବାତିଲ କରିଦେଇଥିଲେ । ଏହା ଦେଖିବାକୁ ମିଳିଛି ଯେ ଆବେଦନକାରୀଙ୍କ ଦାବି ହେଉଛି ଯେ ବିକଳ୍ପ ପ୍ରଦାନ କରିବା ପାଇଁ ଶେଷ ତାରିଖର ସମୟସୀମା ବୃଦ୍ଧି କରିବା ବିଷୟରେ ତାଙ୍କର ଜ୍ଞାନ ନଥିଲା । ଏହା ତାଙ୍କର ମାମଲା ଥିଲା ଯେ ସେ ନଭେମ୍ବର 30, 1975 ତାରିଖରେ ଅବସର ଗ୍ରହଣ କରିଥିଲେ ଏବଂ ବର୍ଦ୍ଧିତ ତାରିଖ ଜାଣିବା ପାଇଁ ତାଙ୍କୁ କୌଣସି ସୁଯୋଗ ମିଳିନଥିଲା । ତାହା ନଥି ଦ୍ୱାରା ଭୁଲ ପ୍ରମାଣିତ ହେଉଛି । ପ୍ରଥମ ଥର ପାଇଁ ଏହାକୁ ଜାନୁଆରୀ 1, 1973 ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିଲା । ପରବର୍ତ୍ତୀ ସମୟରେ ଏହାକୁ ଜୁଲାଇ 23, 1974 ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିଲା; ତା'ପରେ, ଏହାକୁ ଜୁନ୍ 25, 1975, ଜୁନ୍ 30, 1976, ଜାନୁଆରୀ 3, 1977, ଜୁଲାଇ 12, 1977, ଏପ୍ରିଲ୍ 17, 1978, ଡିସେମ୍ବର 7, 1978 ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିଲା ଏବଂ ଶେଷ ସମୟ ସୀମା ଡିସେମ୍ବର 31, 1978 ତାରିଖ ପର୍ଯ୍ୟନ୍ତ ଥିଲା ।ସେ ଚାକିରିରେ ଥିବା ସମୟରେ, ତିନି ଥର ଅର୍ଥାତ୍ ଜାନୁଆରୀ 1, 1973, ଜୁଲାଇ 23, 1974 ଏବଂ ଜୁନ୍ 1975 ରେ ଏହି ବିକଳ୍ପ ପଞ୍ଜିକରଣ କରିବାର ସୁଯୋଗ ପାଇଥିଲେ । ସେହି ସମୟରେ ସେ ଏହି ବିକଳ୍ପକୁ ବ୍ୟବହାର କରିନଥିଲେ । ବିକଳ୍ପଟି ଆନୁତୋଷିକ ନୀତି ସମ୍ପର୍କରେ ଥିଲା । ସେ ଭାବିଥିଲେ ଯେ, ଏହା ତାଙ୍କ ପାଇଁ ଲାଭଦାୟକ ଥିବା ଏକ ଉତ୍ତମ ନୀତି ହେବ । ସେ ଅବସରକାଳୀନ ସୁବିଧାଗୁଡ଼ିକୁ ପ୍ରତ୍ୟାହାର କରିନେଇଥିଲେ । ପରେ, ଯେତେବେଳେ ଅନେକ ଲୋକଙ୍କୁ ଅବସରକାଳୀନ ଭତ୍ତା ଯୋଜନା ଦେବାକୁ ଚେଷ୍ଟା କରାଯାଇଥିଲା, ସେତେବେଳେ ସେ ବିଳମ୍ବରେ ଆଗେଇ ଆସି ଏହା ଉପସ୍ଥାପନ କରିଥିଲେ ଯେ 1991 ମସିହା ପର୍ଯ୍ୟନ୍ତ ସମୟ ବୃଦ୍ଧି ବିଷୟରେ ସେ ଜାଣି ନଥିଲେ । ଯେତେବେଳେ ନ୍ୟାୟାଧିକରଣ ଦ୍ୱାରା ଅନ୍ୟମାନଙ୍କୁ ସୁବିଧା ପ୍ରଦାନ କରାଯାଇଥିଲା, ସେ ଆବେଦନ ଦାଖଲ କରିବାକୁ ଆସିଥିଲେ । ଉପରୋକ୍ତ ତଥ୍ୟଗୁଡ଼ିକୁ ଦୃଷ୍ଟିରେ ରଖି, ଏହା ବିଶ୍ୱାସ କରିବା କଷ୍ଟକର ଯେ ଅବସରକାଳୀନ ଭତ୍ତା ସୁବିଧା ପାଇଁ

ବିକଳ୍ପ ବ୍ୟବହାର କରିବାର କୌଣସି ସୂଚନା ତାଙ୍କ ପାଖରେ ନଥିଲା । ଏହି ପରିସ୍ଥିତିଗୁଡିକରେ, ଆଦେଶ ପ୍ରତ୍ୟାହାର କରିବା ପାଇଁ ଏହି ଅଦାଲତଙ୍କ ଦ୍ୱାରା ପାରିତ ଆଦେଶରେ ଆମେ କୌଣସି ବେଆଇନତା ପାଇନାହୁଁ ।

ତଦନୁସାରେ ମଧ୍ୟବର୍ତ୍ତୀକାଳୀନ ଆବେଦନକୁ ଖାରଜ କରାଗଲା । କୌଣସି ଖର୍ଚ୍ଚ ନାହିଁ ।

ଟି. ଏନ୍. ଏ. ଆବେଦନ ଖାରଜ କରାଗଲା ।

**ଅସ୍ୱୀକରଣ**

"ଉପଭାଷା ରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

***ଭାଷାନ୍ତର:***

ସୁଶ୍ରୀ ସଙ୍ଗୀତା ଲେଙ୍କା,
ଅନୁବାଦିକା,
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ